# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 4 September – 2024

---

## ସୁଭଦ୍ରା ଯୋଜନା-୧

ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖ ଦିନ ପ୍ରଥମ କିସ୍ତି ଆର୍ଥିକ ସହାୟତା ପ୍ରଦାନ କରିବେ । ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ସୁଭଦ୍ରା କାର୍ଡ ବଣ୍ଟନ କରିବେ । ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଗତକାଲି ସୁଭଦ୍ରା ଯୋଜନା ରାଜ୍ୟସ୍ତରୀୟ ପରିଚାଳନା କମିଟିର ବୈଠକ ମୁଖ୍ୟଶାସନ ସଚିବ ତଥା କମିଟିର ଅଧକ୍ଷ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ସୁଭଦ୍ରା ଯୋଜନାର ଆବେଦନପତ୍ରଗୁଡ଼ିକୁ ହିତାଧିକାରୀମାନଙ୍କଠାରୁ ସୁବ୍ୟବସ୍ଥିତ ଭାବରେ ସଂଗ୍ରହ କରାଯିବା ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

---

## ସୁଭଦ୍ରା ଯୋଜନା-୨

ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ଆଜିଠାରୁ ଆବେଦନପତ୍ର ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଛି। ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ନିରୂପିତ ନିର୍ଦ୍ଦିଷ୍ଟ ସ୍ଥାନ ଓ କାର୍ଯ୍ୟାଳୟ ଗୁଡ଼ିକରେ ହିତାଧିକାରୀମାନେ ଆବେଦନ କରିପାରିବେ । ସୁଭଦ୍ରା ଯୋଜନା

ସମ୍ପର୍କିତ ତଥ୍ୟ ସହଜରେ ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୱେବ୍ ପୋର୍ଟାଲ୍ subhadra.odisha.gov.in ଉପଲବ୍ଧ ହୋଇଛି।  ଏହା ସହ ଟୋଲ୍‌ଫ୍ରି ନମ୍ବର **୧୪୬୭୮** ମଧ୍ୟ ଜାରି କରାଯାଇଛି । ଟେଲିଫୋନ୍ ନମ୍ବରଟି ହେଉଛି **୧୪୬୭୮** ।   ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନମ୍ବରଟି କାର୍ଯ୍ୟକ୍ଷମ ରହୁଛି ।

.................................................................................................................

# ସୁଭଦ୍ରା ଯୋଜନା-୩

ସୁଭଦ୍ରା ଯୋଜନା ପାଇଁ ଭୁବନେଶ୍ୱର ମହାନଗର ନିଗମ-ବିଏମ୍‌ସି ପକ୍ଷରୁ ଆବେଦନ ଫର୍ମ ବଣ୍ଟନ କାର୍ଯ୍ୟ ଜାରି ରହିଛି । ବିଏମ୍‌ସିର ୬୬୫ଟି ସ୍ଥାନରେ ମିଳିପାରୁଛି । ଫର୍ମ ପାଇଁ କୌଣସି ବ୍ୟକ୍ତି ଟଙ୍କା ମାଗୁଥିଲେ ତୁରନ୍ତ ପୋଲିସକୁ ଜଣାଇବାକୁ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଗତକାଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

.................................................................................................................

# ବାର୍ଡ ଫ୍ଲୁ

ରାଜ୍ୟରେ ବାର୍ଡ ଫ୍ଲୁ ସ୍ଥିତି ଯାଞ୍ଚ ପାଇଁ ଆଜି ଏକ କେନ୍ଦ୍ରୀୟ ଦଳ ଓଡ଼ିଶା ଆସୁଛନ୍ତି ।  କେନ୍ଦ୍ର ପଶୁପାଳନ ଓ ଦୁଗ୍ଧ ବିଭାଗର ସଚିବ ଅଲକା ଉପାଧ୍ୟାୟ କହିଛନ୍ତି, ରାଜ୍ୟରେ ବାର୍ଡ ଫ୍ଲୁର ମୁକାବିଲା ପାଇଁ କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ଯୋଗାଇ ଦେବେ। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ପୁରୀ ଜିଲ୍ଲାର ପିପିଲି, ସତ୍ୟବାଦୀ, ନିମାପଡ଼ା ଏବଂ ଡେଲାଙ୍ଗ ବ୍ଲକ୍‌ର ୪ଟି ଗ୍ରାମରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି। ସେହି ସବୁ ଅଞ୍ଚଳରେ ବାର୍ଡଫ୍ଲୁ ରୋକିବା ପାଇଁ କୁକୁଡା ମାରିବା ସହିତ କୁକୁଡ଼ା ଫାର୍ମ

ବିଶୋଧନ କାର୍ଯ୍ୟରେ ୫୧ଟି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦଳ ନିୟୋଜିତ ଅଛନ୍ତି ।

---

## କୃତ୍ରିମ ବୁଦ୍ଧିମତ୍ତା

କୃତ୍ରିମ ବୁଦ୍ଧିମତ୍ତା କାରିଗରୀ ଜ୍ଞାନକୌଶଳ- ଏ.ଆଇ. ଉପଯୋଗ କରାଯାଇ ରାଜ୍ୟରେ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖାଯିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି । ବିଧାନସଭା ଏହି ସଂପର୍କିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଚନ୍ଦକା ବନଖଣ୍ଡର ଭରତପୁର, ଢେଙ୍କାନାଳ ବନଖଣ୍ଡର ହିନ୍ଦୋଳ ଓ ଅନୁଗୁଳ ବନଖଣ୍ଡର ବନ୍ତଲା ଠାରେ ଇ-ସର୍ଭିଲାନ୍ସ ନିମନ୍ତେ ପଦକ୍ଷେପ ନିଆଯାଉଛି । ଏ.ଆଇ. ଦ୍ୱାରା ବନ୍ୟପ୍ରାଣୀଙ୍କ ଗତିବିଧି ନିର୍ଦ୍ଧାରଣ କରାଯାଇ ଜନବସତି ଗୁଡ଼ିକୁ ଯଥେଷ୍ଟ ପୂର୍ବରୁ ସତର୍କ କରାଯାଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି । ସୂଚନା ଅନୁସାରେ ଚଳିତବର୍ଷ ବିଭିନ୍ନ ବନଖଣ୍ଡରେ ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ଯୋଗୁଁ ୬୮ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧ ହଜାର ୮୭ଟି ବାସଗୃହ ନଷ୍ଟ ହୋଇଛି ।

---

## ଅବକାରୀ ବିଭାଗ- ବେଆଇନ ମଦ

ବେଆଇନ ମଦ କାରବାର ସଂପର୍କିତ ତଥ୍ୟ ଅନୁସାରେ ଗତକାଲି ସୁଦ୍ଧା ୧ ହଜାର ୫୧୯ଟି ସ୍ଥାନରେ ଚଢ଼ାଉ କରାଯାଇ ୩୦ ହଜାର ୬୧୮ଟି ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି । ଏଥିସହିତ ୧ ହଜାର

୯୫୭ଜଣଙ୍କୁ ଗିରଫ କରାଯାଇଛି । ଗତ ୧୫ ଦିନ ଧରି ଚାଲିଥିବା ଏହି ଅଭିଯାନରେ ୧ଲକ୍ଷ ୮୩ ହଜାର ୬୬୯ ଲିଟର ବେଆଇନ ମଦ ଏବଂ ୧୭ଲକ୍ଷ ୨୬ ହଜାର ୫୦୯ କିଲୋଗ୍ରାମ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଛି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

# ବିମାନସେବା : ଜୟପୁର

ଭୁବନେଶ୍ୱର-ଜୟପୁର-ଭୁବନେଶ୍ୱର ମଧ୍ୟରେ ଅତିରିକ୍ତ ବିମାନସେବା ଆଜିଠାରୁ ଆରମ୍ଭ ହେବ । ସପ୍ତାହର ୩ ଦିନ ସୋମବାର, ବୁଧବାର ଓ ଶୁକ୍ରବାର ଦିନ ବିମାନଟି ଭୁବନେଶ୍ୱର ଏବଂ ଜୟପୁର ମଧ୍ୟରେ ଚଳାଚଳ କରିବ । ବିମାନଟି ସକାଳ୭ଟା ୨୦ ମିନିଟ୍‌ରେ ଭୁବନେଶ୍ୱର ବିମାନ ବନ୍ଦରରୁ ବାହାରି ୮ଟା ୫୫ ମିନିଟ୍‌ରେ ଜୟପୁରରେ ପହଞ୍ଚିବ । ସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଆ-ୱାନ୍ ଏୟାରଲାଇନ୍ସର ସୂଚନା ଅନୁସାରେ ଭୁବନେଶ୍ୱରରୁ ଜୟପୁର ଦେଇ ବିଶାଖାପାଟଣାକୁ ଯାଉଥିବା ଦ୍ୱିତୀୟ ବିମାନଟି ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ଭୁବନେଶ୍ୱରରୁ ବାହାରି ଅପରାହ୍ନ ୧୨ଟା ୫୦ ମିନିଟ୍‌ରେ ପହଞ୍ଚିବ ।

# କଟକ ବାଲିଯାତ୍ରା ବୈଠକ

କଟକର ଐତିହାସିକ ବାଲିଯାତ୍ରା ଆସନ୍ତା ନଭେମ୍ବର ମାସ ୧୫ ତାରିଖରୁ ଆରମ୍ଭ ହେବ । କଟକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଜି ପ୍ରଥମ ପ୍ରସ୍ତୁତି ବୈଠକ ବସିବ ବୋଲି ଜଣାପଡ଼ିଛି । ବାଲିଯାତ୍ରାକୁ ସୂଚାରୁରୂପେ ପରିଚାଳନା କରିବା ସହିତ ଏହାକୁ କିପରି ଅଧିକ ଆକର୍ଷଣୀୟ କରାଯାଇ

ପାରିବ, ସେହି ବିଷୟରେ ବୈଠକରେ ମୁଖ୍ୟତଃ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା କହିଛନ୍ତି ।

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତାକାଲି ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ଦକ୍ଷିଣ, ଉପକୂଳ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୮ ତାରିଖ ରବିବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ।  ଆସନ୍ତାକାଲିଠାରୁ ୩ ଦିନ ପାଇଁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ନିମନ୍ତେ ପ୍ରବଳ ବର୍ଷା ସଂକ୍ରାନ୍ତୀୟ ସତର୍କ ସୂଚନା ଜାରି କରାଯାଇଛି । ତେବେ ଚଳିତ ମୌସୁମୀ ଋତୁରେ ରାଜ୍ୟରେ ଏପର୍ଯ୍ୟନ୍ତ ୧୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ ବିଭାଗ କହିଛି ।